## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାଶଙ୍କୁ ଶ୍ରଦ୍ଧାଞ୍ଜଳି
ସ୍ଥାନ–ଗୋପବନ୍ଧୁ ଟାଉନହଲ
ସମୟ–ପୂର୍ବାହ୍ନ ସାଢେ ୧୦ଟା

## ସଂକ୍ଷେପରେ

■ଅଜଣା ରୋଗୀଙ୍କ ପାଇଁ ପରିମଳ ବ୍ୟବସ୍ଥା ବିଗିଡ଼ିବା ପ୍ରସଙ୍ଗ

### ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଲେ ସାମାଜିକ କର୍ମୀ

ଅନୁଗୋଳ ଅଫିସ, ୨୭।୫- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଜଣା ରୋଗୀଙ୍କ ସେବା ଯତ୍ନ ଅଭାବରୁ ଅନେକ ସମୟରେ ପରିମଳ ବ୍ୟବସ୍ଥା ବିଗିଡ଼ି ଯାଉଛି। ସର୍ଜରି ୱାର୍ଡ ବାରଣ୍ଡାରେ ଗତ ୫ ଦିନ ହେଲା ଏପରି ଜଣେ ଅଜଣା ମହିଳା ରୋଗୀଙ୍କ ପାଇଁ ପରିମଳ ବ୍ୟବସ୍ଥା ବିଗିଡ଼ିଯାଇଥିବା ନେଇ ସୋମବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏଥିରେ ସିଡିଏମ୍ଓ ଦାୟିତ୍ୱରେ ଥିବା ଏଡିଏମ୍ଓ ପ୍ରତାପ କୁମାର ବେହେରା ସାମାଜିକ କର୍ମୀ ଅଜଣା ରୋଗୀମାନଙ୍କୁ ଆଣି ଏଠାରେ ଛାଡ଼ିଦେଇ ଚାଲିଯାଉଛନ୍ତି। ସେମାନେ ମଝିରେ ମଝିରେ ଆସି ଦେଖାଶୁଣା କରିବା କଥା। କିନ୍ତୁ ଥରଟିଏ ବି ଆସୁନାହାନ୍ତି ବୋଲି କହିଥିଲେ। ଏଡିଏମ୍ଓଙ୍କ ଏପରି ମନ୍ତବ୍ୟ ପରେ ସାମାଜିକ କର୍ମୀମାନେ ସୋମବାର ତାଙ୍କ ଉପରେ ଖପ୍ପା ହୋଇଯାଇଛନ୍ତି। ଏଡିଏମ୍ଓ ନିଜ କର୍ମଚାରୀଙ୍କ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଏଭଳି ମନ୍ତବ୍ୟ ଦେଇଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଗତ ୧ ମାସ ମଧ୍ୟରେ ୪ରୁ ୫ ଜଣ ଅଜଣା ରୋଗୀଙ୍କୁ ଚିକିତ୍ସା କରାଇ ବିଭିନ୍ନ ଜରାଶ୍ରମରେ ଛାଡ଼ିଛୁ। ଏପରି କି ବିଗତ ଦିନରେ ରାଜ୍ୟ ବାହାର ରୋଗୀଙ୍କୁ ଚିକିତ୍ସା କରାଇ ସେମାନଙ୍କ ଠିକଣା ଖୋଜି ପରିବାର ଲୋକଙ୍କ ଜିମା ଦେଇଛୁ। ଏଡିଏମ୍ଓ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଏଭଳି ମନ୍ତବ୍ୟ ଦେବା ଅପେକ୍ଷା ମେଡିକାଲକୁ ଆସୁଥିବା ଅସହାୟ ଅଜଣା ରୋଗୀଙ୍କ କିପରି ସେବା ଯତ୍ନ ଓ ଚିକିତ୍ସା ଠିକ୍‌ରେ ହୋଇପାରିବ ତାହା ଉପରେ ଧ୍ୟାନ ଦିଅନ୍ତୁ। ଏ ନେଇ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାମାଜିକ କର୍ମୀମାନେ କହିଛନ୍ତି।

### ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

ବଇଣ୍ଡା,୨୭।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ହରିହର ନାୟକଙ୍କ ରବିବାର ପରଲୋକ ହୋଇଛି। ସେ ଗତ କିଛିଦିନ ତଳେ ଅସୁସ୍ଥ ଥିଲେ। ତାଙ୍କ ପରଲୋକକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଅଟକ

ରାସୋଳ,୨୭।୫(ଡି.ଏନ.ଏ)- ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ମୋଟଙ୍ଗା ଥାନା ବିଡୋ ଗ୍ରାମର ଗଣେଶ ସାହୁଙ୍କୁ ପୋଲିସ ସୋମବାର ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ରାସୋଳ ପୋଲିସ ନଂ. ୫୫/୧୯ରେ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ଗଣେଶ ଓ ନାବାଳିକାଙ୍କୁ କଟକରୁ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କ ଡାକ୍ତରୀମାଇନା କରାଯିବା ସହ ପରିବାରକୁ ହସ୍ତାନ୍ତର କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଗଣେଶ ଜଣେ ବିବାହିତ ଯୁବକ ହୋଇଥିବାବେଳେ ସେ ସମ୍ପୃକ୍ତା ନାବାଳିକାଙ୍କୁ ବ୍ଲାକମେଲିଂ କରି ହାଇଦ୍ରାବାଦ ନେବାକୁ ପ୍ରସ୍ତୁତ ହେଉଥିବା ପୋଲିସ କହିଛି।

### କ୍ଷୀର ଗାଡ଼ି ଦୁର୍ଘଟଣାଗ୍ରସ୍ତ

ରାସୋଳ, ୨୭।୫(ଡି.ଏନ.ଏ)- ଢେଙ୍କାନାଳ ଜିଲା ରାସୋଳ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ନାଉକିଆରି ଛକ ନିକଟରେ ରବିବାର ରାତି ୧ଟା ବେଳେ ଏକ କ୍ଷୀର ବୋଝେଇ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡକୁ ଓଲଟି ପଡିଥିଲା। ଏଥିଯୋଗୁ ଗାଡ଼ିଟି ଭାଙ୍ଗି ରୁଜି ଯାଇଛି। ସୋମବାର ସକାଳେ ଜଣାପଡିବା ପରେ ସ୍ଥାନୀୟ ଲୋକେ କ୍ଷୀର ନେଇଯାଇଥିବା ଜଣାପଡିଛି।

■ଅନୁଗୋଳରେ କ୍ରମାଗତ କମୁଛି ବିଜେଡି ଭୋଟ

# ମୁହଁ ମୋଡ଼ିଛନ୍ତି ୬ ପ୍ରତିଶତ ମତଦାତା

**ଅନୁଗୋଳ ଅଫିସ, ୨୭।୫**

■ଦଳୀୟ ପ୍ରାର୍ଥୀ ଜିତୁଥିଲେ ବି ସ୍ଥିତି ଚିନ୍ତାଜନକ
■ଅମାନତ ହରାଇବାରୁ ବର୍ତ୍ତିଯାଇଛି କଂଗ୍ରେସ
■୨୦୧୪ ତୁଳନାରେ ଭାଜପା ବଢ଼ିଛି ୨୨ ପ୍ରତିଶତ

୧୯ ବର୍ଷ ହେଲା ବିଜେଡି ଅନୁଗୋଳ ନିର୍ବାଚନମଣ୍ଡଳୀକୁ ନିଜର ଗଡ଼ କରିଆସିଛି। ୨୦୦୦ ମସିହାରେ ଅଦ୍ୱୈତ୍ୟ ପ୍ରସାଦ ସିଂ ବିଜେଡିରୁ ନିର୍ବାଚିତ ହୋଇଥିଲେ। ଏହାପରଠାରୁ ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଅଦ୍ୱୈତ୍ୟ ପ୍ରସାଦଙ୍କ ପୁଅ ରଜନୀକାନ୍ତ ସିଂ ବିଜେଡି ପ୍ରାର୍ଥୀ ଭାବେ ଏଠାରୁ କ୍ରମାଗତ ବିଜୟଲାଭ କରିଆସୁଛନ୍ତି। ଚଳିତ ନିର୍ବାଚନରେ ତାଙ୍କର ୪ର୍ଥ ବିଜୟ ଏକ ରେକର୍ଡ। କିନ୍ତୁ ଦଳ ଏଠାରେ ଜିତୁଥିଲେ ବି କ୍ରମାଗତ ଭାବେ ଭୋଟ ହାର ହ୍ରାସ ପାଉଛି। ଗତ ୩ଟି ନିର୍ବାଚନକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହେଉଛି। ୨୦୦୯ରୁ ୨୦୧୪ ମଧ୍ୟରେ ବିଜେଡି ଅନୁଗୋଳରେ ୨ ପ୍ରତିଶତ ଭୋଟରଙ୍କୁ ହରାଇଛି। ସେହିପରି ୨୦୧୪ ନିର୍ବାଚନ ତୁଳନାରେ ୨୦୧୯ରେ ଦଳ ୬ ପ୍ରତିଶତ କମ୍ ଭୋଟ ପାଇଛି। ତେବେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି କଂଗ୍ରେସ। ଚଳିତ ନିର୍ବାଚନରେ କଂଗ୍ରେସ ଭୋଟ ହାର ୧୫ ପ୍ରତିଶତ ହ୍ରାସ ପାଇଥିଲେ ବି ଦଳୀୟ ପ୍ରାର୍ଥୀ ଅମାନତ ହରାଇବାରୁ ବର୍ତ୍ତି ଯାଇଛନ୍ତି। କିନ୍ତୁ ବିଜୟଠାରୁ ୮୮୨୩ ଭୋଟ ଦୂରରେ ରହିଥିବା ଭାଜପା ସର୍ବାଧିକ ଲାଭବାନ ହୋଇଛି। ୨୦୧୪ ତୁଳନାରେ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ୨୨ ପ୍ରତିଶତ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

୨୦୦୯ରେ ହୋଇଥିବା ସାଧାରଣ ନିର୍ବାଚନରେ ଅନୁଗୋଳ ନିର୍ବାଚନମଣ୍ଡଳୀରେ ମୋଟ୍ ୧ଲକ୍ଷ ୨୩ ହଜାର ୫୨୧ ମତଦାତା ମତଦାନ କରିଥିଲେ। ଭୋଟ୍ ହାର ଥିଲା ୬୭.୫। ସେଥିରୁ ବିଜେଡି ପ୍ରାର୍ଥୀ ରଜନୀକାନ୍ତ ସିଂ ୪୯.୭୦ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଥିଲେ। ସେ ମୋଟ୍ ୬୧,୩୮୧ ଭୋଟ ପାଇଥିଲେ। ସେହିପରି କଂଗ୍ରେସର ସଂଗ୍ରାମ କେଶରୀ ମିଶ୍ର ୩୩.୧୩ ପ୍ରତିଶତ ଅର୍ଥାତ୍ ୪୦,୯୧୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେତେବେଳେ ଭାଜପା ପ୍ରାର୍ଥୀ ହୋଇଥିବା ମୀନକେତନ ଅମାନ୍ତ ମାତ୍ର ୯.୫୦ ପ୍ରତିଶତ ଭୋଟ ପାଇପାରିଥିଲେ। ତାଙ୍କୁ ମାତ୍ର ୧୧,୭୩୧ ଖଣ୍ଡ ଭୋଟ ମିଳିଥିଲା।

ସେହିପରି ୨୦୧୪ରେ ମୋଟ୍ ୧ଲକ୍ଷ ୫୧ ହଜାର ୧୯୨ ମତଦାତା ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିବାବେଳେ ମତଦାନ ହାର ଥିଲା ୭୭.୦୮। ବିଜେଡିରୁ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ ସିଂ ୪୭.୮୭ ପ୍ରତିଶତ ଅର୍ଥାତ୍ ୭୨,୩୭୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଦ୍ୱିତୀୟ ସ୍ଥାନରେ ଥିଲେ ବି ଦଳ ପୂର୍ବଥର ଅପେକ୍ଷା ୧ ପ୍ରତିଶତ ଅଧିକ ଭୋଟ ପାଇଥିଲା। ପ୍ରତାପଙ୍କୁ ୩୪.୪୨ ପ୍ରତିଶତ ଅର୍ଥାତ୍ ୫୨୦୩୬ ଭୋଟ ମିଳିଥିଲା। ଭାଜପା ଭୋଟ ହାର ମଧ୍ୟ ୪ ପ୍ରତିଶତ ବଢ଼ି ୧୩.୧୯ ହୋଇଥିଲା। ଦଳୀୟ ପ୍ରାର୍ଥୀ ଥିବା ମୀନକେତନ ଅମାନ୍ତ ୧୯,୯୪୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ।

ତେବେ ୨୦୧୯ ନିର୍ବାଚନରେ ଦଳୀୟ ଭୋଟ ହାରରେ ବଡ଼ ଧରଣର ପରିବର୍ତ୍ତନ ଘଟିଛି। ବିଜେଡି ନିଜର ୬ ପ୍ରତିଶତ ଭୋଟରଙ୍କୁ ହରାଇଥିବା ବେଳେ କଂଗ୍ରେସ ଦ୍ୱିତୀୟ ସ୍ଥାନରୁ ୧୫ ପ୍ରତିଶତ ହ୍ରାସ ପାଇ ଏକାବେଳେ ତୃତୀୟ ସ୍ଥାନକୁ ଖସି ଆସିଛି। ଭାଜପା ତୃତୀୟରୁ ୨୨ ପ୍ରତିଶତ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି। ଭୋଟ ହାରରେ ଏପରି ହ୍ରାସ ବୃଦ୍ଧି ସତ୍ତ୍ୱେ ବିଜେଡି ନିଜ ଗଡ଼ ବଜାୟ ରଖିଛି। ଚଳିତଥର ଜିଲାରେ ୧ ଲକ୍ଷ ୬୩ ହଜାର ୬୪୯ ଜଣ ମତଦାତା ମତଦାନ କରିଛନ୍ତି। ଭୋଟ ପ୍ରତିଶତ ରହିଛି ୭୭.୩୭। ସେଥିରୁ ୪୧.୩୬ ପ୍ରତିଶତ ଅର୍ଥାତ୍ ୬୫,୩୮୮ ଖଣ୍ଡ ଭୋଟ ପାଇ ରଜନୀକାନ୍ତ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ବିପ୍ଳବ ଜେନା ୧୯.୩୪ ପ୍ରତିଶତ ଭୋଟ ପାଇଛନ୍ତି। ତାଙ୍କୁ ମାତ୍ର ୩୦,୫୭୨ ଖଣ୍ଡ ଭୋଟ ମିଳିଛି। କଂଗ୍ରେସ ଛାଡ଼ି ଭାଜପାରୁ ଲଢ଼ିଥିବା ପ୍ରତାପ ଚନ୍ଦ୍ର ପ୍ରଧାନ ୩୫.୭୮ ପ୍ରତିଶତ ଭୋଟ ପାଇଛନ୍ତି। ତାଙ୍କୁ ୫୬,୫୬୫ ମତଦାତା ଭୋଟ ଦେଇ ଦ୍ୱିତୀୟ ସ୍ଥାନରେ ରଖିଛନ୍ତି।

## ଦିନ ଦ୍ୱିପ୍ରହରରେ ଖଟୁଛନ୍ତି ଶ୍ରମିକ



**ଛେଣ୍ଡିପଦା,୨୭।୫(ସ୍ୱ.ପ୍ର)**

**ସରକାରୀ ନିୟମକୁ ଫୁ**

ସରକାରୀ ନିୟମକୁ ଫୁ। ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣ ଖରାରେ ଶ୍ରମିକଙ୍କୁ ନ ଖଟାଇବା ପାଇଁ ସରକାରଙ୍କ ପକ୍ଷରୁ କଟକଣା ରହିଥିବାବେଳେ ଏହାକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି ଗାୟତ୍ରୀ କନଷ୍ଟ୍ରକସନ କମ୍ପାନୀ। ବର୍ତ୍ତମାନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଥିବାବେଳେ ଦିନ ୧୦ଟା ପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରି ସ୍ଥିତିରେ ଅନୁଗୋଳ ଜିଲା ଜରପଡା ଥାନା ତୁକୁଡାଠାରେ ପୋଲ ନିର୍ମାଣ କାର୍ଯ୍ୟରେ କମ୍ପାନୀର ଠିକାଦାର ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ସୋମବାର ଦେଖିବାକୁ ମିଳିଥିଲା। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଏ ନେଇ ଛେଣ୍ଡିପଦା ବିଡିଓ ରୋମାଞ୍ଚଳ ଖମାରି କହିଛନ୍ତି, ସରକାରୀ ନିୟମ ଅନୁଯାୟୀ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିପାରିବେ ନାହିଁ। ଜାତୀୟ ରାଜପଥ ଯନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ। ପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଢେଙ୍କାନାଳ ଅଫିସ,୨୭।୫**

ଢେଙ୍କାନାଳ ଜିଲା ଗଁଦିଆ ଥାନା ମନ୍ଦାର ପଞ୍ଚାୟତ ହରିଆପଦା ଗ୍ରାମର ଚହନା ଖଟୁଆ(୬୦) ଗ୍ରାମ ପୋଖରୀରେ ବୁଡ଼ି ସୋମବାର ମୃତ୍ୟୁବରଣ କରିଛନ୍ତି। ସେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଉଦ୍ଧାର ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା ଥାନା ଅଧିକାରୀ ନିରୁପମା ଜେନାଙ୍କ ସୂତ୍ରରୁ ଜଣାପଡିଛି।

## ଯୋଗର ପ୍ରଚାର ଉପରେ ଆଲୋଚନା



**ତାଳଚେର,୨୭।୫(ନି.ପ୍ର.)**

ଭାରତ ସ୍ୱାଭିମାନ ନ୍ୟାସ ଓ ପତଞ୍ଜଳି ଯୋଗ ସମିତି ତାଳଚେର ତହସିଲ୍ ପକ୍ଷରୁ ବଲଣ୍ଡା ସ୍ଥିତ ହିଙ୍ଗୁଳା ଅଫିସର କ୍ଲବ ପରିସରରେ ସୋମବାର ଏକ ଯୋଗ ଶିବିର ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଯୋଗର ପ୍ରଚାର ପ୍ରସାର ବ୍ୟାପକ କରିବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଓ ଜିଲା ଭାରତ ସ୍ୱାଭିମାନ ପ୍ରଭାରୀ ସୁଧାଂଶୁ ଶେଖର ଦାସ ଓ ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ ଅଭୟ କୁମାର ରାୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ବରାଳ, ଦୀନବନ୍ଧୁ ପ୍ରଧାନ, ଅମୂଲ୍ୟ କୁମାର ଦାସ, ପ୍ରଦୀପ କୁମାର ଦାସ, ପ୍ରଶାନ୍ତ କୁମାର ପ୍ରଧାନ, ଜ୍ୟୋସ୍ନାମୟୀ ବେହେରା, ଲକ୍ଷ୍ମୀପ୍ରିୟା ଦାସ, ପଦ୍ମିନୀ ପାତ୍ର, ଶୁଭଶ୍ରୀ ମହାପାତ୍ର, ରଶ୍ମି ନାୟକ, ଦୀପ୍ତିମୟୀ ପ୍ରଧାନ, ସଲିଳ ପ୍ରଭା ମହାନ୍ତି, ରିଙ୍କି ଭଟ୍ଟାଚାର୍ଯ୍ୟଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ବିଜୟ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟ୍ରେନ୍‌ରେ ଟଙ୍କା, ସୁନା ଚୋରି

**ଅନୁଗୋଳ ଅଫିସ, ୨୭।୫**

ଅନୁଗୋଳ ନାଲ୍‌କୋ ଅଞ୍ଚଳକୁ ଭଣଜା ବିବାହ କାର୍ଯ୍ୟରେ ଯୋଗ ଦେବାକୁ ରାଉରକେଲାରୁ ଟ୍ରେନ୍‌ରେ ଆସୁଥିବା ମାମୁ ବିଦ୍ୟାଧର ପାଢ଼ୀଙ୍କ ବ୍ୟାଗରୁ ଟଙ୍କା ଓ ସୁନା ଚୋରି ହୋଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବିଦ୍ୟାଧର ରାଉରକେଲା ଷ୍ଟେଶନରୁ ନିଜ ବ୍ୟାଗ ଧରି ଅନ୍ୟ ସମ୍ପର୍କୀୟଙ୍କ ସହ ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ସକାଳ ୭ଟା ୪୦ରେ ଚଢ଼ିଥିଲେ। ସମ୍ବଲପୁର ଷ୍ଟେଶନରେ ୩/୪ଜଣ ଯୁବକ ଟ୍ରେନରେ ଚଢ଼ି ତାଙ୍କ ବ୍ୟାଗ ଥିବା ସ୍ଥାନରେ ବସିଥିଲେ। ପରେ ଯୁବକମାନେ ରେଢ଼ାଖୋଲ ଓ ବଇଣ୍ଡାଠାରେ ଓହ୍ଲାଇ ଯାଇଥିଲେ। ବିଦ୍ୟାଧର ଓ ସମ୍ପର୍କୀୟମାନେ ଘରେ ବ୍ୟାଗ ଯାଞ୍ଚ କରିବା ପରେ ସେଥିରୁ ଦୁଇଟି ମୁଦି ଓ ଗୋଟିଏ ଚେନ୍ ସହ ୧୦ ହଜାର ୫ ଶହ ଟଙ୍କା ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ରେଳବାଇ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ପୋଲିସ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ବିଦ୍ୟାଧର ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି।

**ଫଟୋରେ ଖବର**



ଅନୁଗୋଳ ଜିଲା ପୋକତୁଙ୍ଗା ଗ୍ରାମର ଜଣେ ବାଉଁଶ କାରିଗର ଅସହ୍ୟ ଖରାରେ ତାଙ୍କ ସାମଗ୍ରୀ ତଳେ ବିଶ୍ରାମ ନେଉଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

**ଅନୁଗୋଳ ଅଫିସ, ୨୭।୫**

ଅନୁଗୋଳ ଜରାସିଂହାସ୍ଥିତ ମଝିକା ଛକରେ ସୋମବାର ରାତିରେ ଏକ ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ପ୍ରମୋଦ ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଗାଡ଼ି (ନଂ. ଓଡି–୧୫–ଏଫ୍–୬୮୩୯)କୁ ଜବତ କରିଛି। ଏ ନେଇ ଖବରଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ହୋଇ ନ ଥିବା ସୂଚନା ମିଳିଛି।

## ସୈନ୍ୟ ବାହିନୀରେ ନିଯୁକ୍ତି ପାଇଁ ରାଲି

**ଢେଙ୍କାନାଳ ଅଫିସ,୨୭।୫**

ଭାରତୀୟ ସୈନ୍ୟ ବାହିନୀରେ ନିଯୁକ୍ତି ପାଇଁ ଆସନ୍ତା ଅଗଷ୍ଟ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରସ୍ଥିତ ଭିଏସ୍ଏସ୍ ଷ୍ଟାଡିୟମଠାରେ ଏକ ରାଲି ଅନୁଷ୍ଠିତ ହେବ। ଆର୍ମି ରିକ୍ରୁଟିଙ୍ଗ୍ ଅଫିସ ସମ୍ବଲପୁର ଏହି ରାଲିକୁ ପରିଚାଳନା କରିବେ। ଏହି ରିକ୍ରୁଟମେଣ୍ଟ ରାଲିରେ ଗ୍ରାମାଞ୍ଚଳ ଏବଂ ଦୂରଦୂରାନ୍ତ ଅଞ୍ଚଳର ଅଧିକ ସଂଖ୍ୟକ ଯୁବକ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିରେ ଅଂଶଗ୍ରହଣ ପାଇଁ ଆବଶ୍ୟକ ଯୋଗ୍ୟତା ଓ ଅନ୍ୟାନ୍ୟ ତଥ୍ୟ ପରେ ପୃଥକ ଭାବେ ଜଣାଇ ଦିଆଯିବ ବୋଲି କଲୋନେଲ, ଡାଇରେକ୍ଟର ରିକ୍ରୁଟିଙ୍ଗ୍, ଆର୍ମି ରିକ୍ରୁଟିଙ୍ଗ୍ ଅଫିସ ସମ୍ବଲପୁର ସୂତ୍ରରୁ ଜଣାଯାଇଛି।

## ଦର୍ଶକଙ୍କ ମନମୋହିଲେ ଶିଶୁ କଳାକାର



**ବଅଁରପାଳ,୨୭।୫(ଡି.ଏନ.ଏ.)**

ନାଲ୍‌କୋ ନଗରରେ ଚାଲିଥିବା ଚନ୍ଦନଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଭୁ ମଦନ ମୋହନ ଓ ମା' ଲକ୍ଷ୍ମୀଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ନାଲକୋ ନଗର ପରିକ୍ରମା କରାଯାଇଥିଲା। ଏହାପରେ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଚନ୍ଦନ ପୁଷ୍କରିଣୀରେ ପ୍ରଭୁଙ୍କ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାଲକୋ ନଗରର କୁନି କୁନି ଶିଶୁ କଳାକାରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ନଟରାଜ କଳା ଏକାଡେମୀ ଶଙ୍କର ନୃତ୍ୟାୟନର କଳାକାରମାନେ ଯୋଗ ଦେଇଥିଲେ। ଶେଷରେ ଶିଶୁ କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଚିତ୍ରା ନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନାଲକୋ ଇଡି ମନସା ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ନାଲକୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସଏନ ସାହୁ, ନାଲକୋ ମନ୍ଦିର କମିଟିର ଉପ ସଭାପତି ପୀତବାସ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ଦର୍ଶକଙ୍କ ଭିଡ଼ ଜମିଥିବା ପରିଲକ୍ଷିତ ହୋଇଥିଲା।

## କଳ୍ପନାଙ୍କ ମୃତ୍ୟୁ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି

**ଢେଙ୍କାନାଳ ଅଫିସ,୨୭।୫**

ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାଶଙ୍କ ବିୟୋଗରେ ସୂର୍ଯ୍ୟାଲୋକ ଫାଉଣ୍ଡେଶନ ପକ୍ଷରୁ ସୋମବାର ସହରସ୍ଥିତ ଦଧିବାବନଜୀଉ ମଠଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ଦୀପକ ରଞ୍ଜନ ମିଶ୍ର ଏଥିରେ ଅଧ୍ୟକ୍ଷତା କରି କଳ୍ପନାଙ୍କ ପରଲୋକ ଜିଲା ଏବଂ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ସେ ଢେଙ୍କାନାଳ ମାଟି ସମେତ ସମଗ୍ର ରାଜ୍ୟ ପାଇଁ ଗର୍ବ ଓ ଗୌରବ ଥିଲେ ବୋଲି ମିଶ୍ର କହିଥିଲେ। ଅନୁଷ୍ଠାନ ପକ୍ଷରୁ ତାଙ୍କର ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି। ଏହି ସଭାରେ ସଂସ୍ଥାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ, ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ୯ ସମବାୟ ସମିତିରେ ବିହନ ନାହିଁ

**ବଅଁରପାଳ, ୨୭।୫(ଡି.ଏନ.ଏ.)**



■ଆଗେଇପାରୁନି ଚାଷ କାର୍ଯ୍ୟ
■ବାହାରୁ କିଣୁଛନ୍ତି ଚାଷୀ
■ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନ ହେବା ଆଶଙ୍କା

ବଅଁରପାଳ ବ୍ଲକର ଚାଷୀଙ୍କୁ ମିଳୁନି ଧାନ ବିହନ। ଜମିରେ ଚାଷ ଆରମ୍ଭ ହୋଇଥିଲେ ମଧ୍ୟ ବିହନ ଅଭାବ ସେମାନଙ୍କ ଚିନ୍ତା ବଢାଇଛି। ବ୍ଲକ ଅଧୀନରେ ମୋଟ ୧୩ଟି କୃଷି ସମବାୟ ସମିତି ଥିଲେ ମଧ୍ୟ ୯ଟିରେ ଚାଷୀଙ୍କୁ ଧାନ ବିହନ ଯୋଗାଯାଉନାହିଁ। ଫଳରେ ବହୁ ଜମିରେ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିବା ଅଭିଯୋଗ ହୋଇଛି।

ଚଳିତ ବର୍ଷ ବ୍ଲକରେ ୧୦ ହଜାର ୯୪୫ ହେକ୍ଟରରେ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ ଚାଷୀମାନଙ୍କୁ ବିହନ ଯୋଗାଯାଉ ନ ଥିବାରୁ ବହୁ ଜମିରେ ଚାଷ ଆରମ୍ଭ ହୋଇପାରିନାହିଁ। କୃଷି ସମବାୟ ସମିତି ଜରିଆରେ ସେମାନଙ୍କୁ ବିହନ ଯୋଗାଯିବା କଥା। ଚାଷୀ ବାରମ୍ବାର ସମିତି ଯାଉଥିଲେ ହେଁ ନିରାଶ ହୋଇ ଫେରୁଛନ୍ତି। ଏହି ବ୍ଲକ ଅଧୀନରେ ୧୩ଟି କୃଷି ସମବାୟ ସମିତି ରହିଛି। ବର୍ତ୍ତମାନ ସୁଦ୍ଧା କେବଳ ବନ୍ଧା, ନୂଆହତା, କୁଇଓ ଓ ବଳରାମପ୍ରାସଦ ସମିତିରେ ବିହନ ମିଳୁଥିବାବେଳେ ବଡ଼କେରେଜାଙ୍ଗ, ଜରାସିଂହା, ତୁବେ, ତୁରଙ୍ଗ, ରଙ୍ଗସିଂହା, ବୁଢାପଙ୍କ, ଗଡସନ୍ତ୍ରୀ ତଳମୂଳ ଓ ଫୁଲପଡ଼ା ଆଦି ସମିତିରେ ବିହନ ମହଜୁଦ ନାହିଁ। ବଅଁରପାଳ ବ୍ଲକ ପାଇଁ ବିହନ ନିଗମକୁ ୧୩୩୭ କୁଇଣ୍ଟାଲ ଧାନ ବିହନ ଯୋଗାଇ ଦିଆଯାଇଛି। ସମବାୟ ସମିତିଗୁଡିକ ବିହନ ନିଗମରେ ଡ୍ରାଫ ଜାମ କରି ବିହନ ଉଠାଇବା କଥା। ହେଲେ ଏ ପର୍ଯ୍ୟନ୍ତ ବହୁ ସମିତି ବିହନ ନିଗମରେ ଡ୍ରାଫ ଜମା କରି ନ ଥିବା ଜଣାପଡିଛି। ସେହିପରି ସମିତିରେ ବିହନ ମିଳୁ ନ ଥିବାରୁ କେତେଜଣ ଚାଷୀ ଘରେ ସାଇତି ରଖିଥିବା ପୁରୁଣା ବିହନ ଓ ବଜାରରୁ ଅଧିକ ଦରରେ ବିହନ କିଣି ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡଛି। ଶୀଘ୍ର ବିହନ ନ ମିଳିଲେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବଅଁରପାଳ ସହକାରୀ କୃଷି ଅଧିକାରୀ ସୁମନ୍ତ ନାୟକ କୁହନ୍ତି, ବର୍ତ୍ତମାନ ସୁଦ୍ଧା ୪ଟି କୃଷି ସମବାୟ ସମିତିରେ ଧାନ ବିହନ ମହଜୁଦ ରହିଛି। ଅନ୍ୟ ୯ଟି ସମିତିରେ ଖୁବ୍‌ଶୀଘ୍ର ବିହନ ମହଜୁଦ ରହିବ। ସେଥିପାଇଁ ଧୀରେ ଧୀରେ ସମସ୍ତ ସମିତି ବିହନ ନିଗମରେ ଡ୍ରାଫ ଜମା କରି ବିହନ ଉଠାଇବେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ମଙ୍ଗଳବାର,୨୮ ମେ, ୨୦୧୯



## ସଂକ୍ଷେପରେ

### ଅନୁଗୋଳରେ ପାରଦ ୪୨.୭ ଡିଗ୍ରୀ

ଅନୁଗୋଳ ଅଫିସ, ୨୭।୫- ଅନୁଗୋଳରେ ଦିନକୁ ଦିନ ବଢୁଥିବା ତାପମାତ୍ରା ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ସୋମବାର ଏଠାରେ ତାପମାତ୍ରା ୪୨.୭ ରହିଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ରବିବାର ପାରଦ ୪୧.୧ ଥିବାବେଳେ ଆଜି ଏହା ବୃଦ୍ଧି ପାଇ ୪୩ ପାଖାପାଖି ରହିଛି। ଏଥିଯୋଗୁ ଦିନ ୧୦ଟା ପରେ ରାସ୍ତାଘାଟ ଶୂନ ଶାନ ହୋଇପଡୁଛି। ପଥଚାରୀମାନେ ଗଛ ଛାଇ ଦେଖି ବିଶ୍ରାମ ନେଉଛନ୍ତି। ଜରୁରୀ କାମରେ ପଦାକୁ ଗୋଡ଼ କାଢୁଥିବା ଲୋକମାନେ ମୁଣ୍ଡରେ ଗାମୁଛା ସାଙ୍ଗକୁ ହାତରେ ଛତା ଓ ପାଣି ବୋତଲ ଧରି ଯାଆ ଆସ କରୁଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଥିବାବେଳେ ଅନୁଗୋଳରେ ଆହୁରି ଦୁଇରୁ ତିନି ଦିନ ଏପରି ତାତି ଦେଖାଦେବ ବୋଲି ଅନୁଗୋଳ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଚିକିତ୍ସାଳୟରେ ମହୁମାଛି ଆକ୍ରମଣ, ୩ ଆହତ

ଅନୁଗୋଳ ଅଫିସ, ୨୭।୫- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ମହୁମାଛି ଆକ୍ରମଣରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଜଣେ ରୋଗୀଙ୍କ ସମ୍ପର୍କୀୟ ଗୁରୁତର ହୋଇଥିବାବେଳେ ମେଡିକାଲର ପାଣି ପାଇପ ମିସ୍ତ୍ରି ସୂର୍ଯ୍ୟକାନ୍ତ ମହାରଣା ଓ ବଳରାମ ଜେନା ଆହତ ହୋଇଛନ୍ତି। ସ୍ତ୍ରୀ ଓ ପ୍ରସୂତି ୱାର୍ଡର ୬ ମହଲାରେ ହଠାତ୍ ମହୁମାଛି ମାତିଥିଲେ। ଏହା ଜାଣି ସେଠାରେ ଥିବା ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ ହେଁ ମହୁମାଛି ୩ ଜଣଙ୍କୁ ଆକ୍ରମଣ କରିଥିଲା। ଭୟରେ ଉକ୍ତ ରାସ୍ତା ଦେଇ କୌଣସି ରୋଗୀଙ୍କ ସମ୍ପର୍କୀୟ ଯାଉ ନ ଥିବା ଜଣାପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ କାହିଁକି ମହୁ ଫେଣାକୁ ଏଯାଏ ଭାଙ୍ଗି ନ ଥିଲେ ତାହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

### ଜଳିଗଲା ଚାଟ୍ ଦୋକାନ



ଛେଣ୍ଡିପଦା,୨୭।୫(ସ୍ୱ.ପ୍ର.)- ଛେଣ୍ଡିପଦା ବଜାରରେ ଥିବା ଛେଣ୍ଡିପଦା ଗ୍ରାମର ସଞ୍ଜୟ ମାଝୀ(୨୮)ଙ୍କ ଚାଟ ଦୋକାନରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪୦ ହଜାର ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସହ ନଗଦ ୭ ହଜାର ଟଙ୍କା ଜଳିଯାଇଥିବା ସଞ୍ଜୟ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ ଚାଟ ପ୍ରସ୍ତୁତି ସମୟରେ ଗ୍ୟାସ ପାଇପ ଲିକେଜ ହୋଇ ନିଆଁ ଲାଗିଥିବା କୁହାଯାଉଛି। ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଲଣ୍ଠନ ଫାଟି ଭଉଣୀ, ଭାଇ ଗୁରୁତର

ଅନୁଗୋଳ ଅଫିସ, ୨୭।୫- ବଆଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତର ଭାଗବତପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଲଣ୍ଠନ ଫାଟି ବବିତା ମହାପାତ୍ର(୨୪)ଓ ତାଙ୍କ ଭାଇ ବୈକୁଣ୍ଠ ମହାପାତ୍ର(୧୧) ଗୁରୁତର ହୋଇଛନ୍ତି। ଉଭୟଙ୍କ ଶରୀର ୫୦ ଭାଗ ପୋଡ଼ି ଯାଇଛି। ପ୍ରାଥମିକ ଚିକିତ୍ସା କରାଯାଇ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟାରେ ବିଜୁଳି କଟିଯାଇଥିବାରୁ ବବିତା ଲଣ୍ଠନ ଲଗାଉଥିଲେ। ଭାଇ ବୈକୁଣ୍ଠ ତାଙ୍କ ପାଖରେ ବସିଥିଲେ। ଏହି ସମୟରେ ଜଳୁଥିବା ଲଣ୍ଠଣଟି ହଠାତ୍ ଫାଟି ଯିବାରୁ ଦୁଇ ଜଣଙ୍କ ଦେହରେ କିରୋସିନ୍ ପଡ଼ି ନିଆଁ ଲାଗିଯାଇଥିଲା। ପରିବାର ଲୋକ ନିଆଁ ଲଭାଇବା ସହ ତୁରନ୍ତ ଦୁହିଁଙ୍କୁ ମେଡିକାଲକୁ ଆଣିଥିଲେ।

### ବଡ଼ ଭାଇଙ୍କୁ ସାନର ଆକ୍ରମଣ

ବଇଣ୍ଡା,୨୭।୫(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଝାରବଇଣ୍ଡା ଗ୍ରାମର ଅନାଦି ସେଠୀଙ୍କୁ ତାଙ୍କ ସାନ ଭାଇ ସୁଜିତ୍ ସେଠୀ ରବିବାର ଠେଙ୍ଗାରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୪୬/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ କିଛି ଦିନ ହେବ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଅନାଦି ଘରେ ଥିବାବେଳେ ସୁଜିତ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

---

■ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ହେଲ୍‌ମେଟ ନ ପିନ୍ଧିଲେ ଘରକୁ ଯିବ ଚାଲାଣ

ଅନୁଗୋଳ ଅଫିସ, ୨୭।୫



■ପୌରାଞ୍ଚଳ ଅଳିଆକୁ ନେଇ ପ୍ରଶାସନର କ୍ଷୋଭ

■ଚଳିତବର୍ଷ ୭୩ ଦୁର୍ଘଟଣାରେ ଗଲାଣି ୩୬ ଜୀବନ

■ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ କରାଯିବ ପ୍ରତିକାର

ରାସ୍ତା ଦୁର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ସହ ଆହତମାନଙ୍କୁ ତୁରନ୍ତ ଚିକିତ୍ସାସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଗଠିତ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ ସୋମବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି ଯୋଗଦେଇ ୨୦୧୮ରେ ଜିଲାରେ ଘଟିଥିବା ୪୬୦ ଦୁର୍ଘଟଣାରେ ୨୧୫ ଜଣଙ୍କ ମୃତ୍ୟୁ ହୋଇଛି ଓ ୪୪୨ ଜଣ ଆହତ ହୋଇଥିବା ତଥ୍ୟ ରଖିଥିଲେ। ସେହିପରି ଚଳିତବର୍ଷ ଜାନୁୟାରୀ ୧ରୁ ଏପ୍ରିଲ ୩୦ ମଧ୍ୟରେ ୭୩ଟି ଦୁର୍ଘଟଣାରେ ୩୬ ଜଣ ପ୍ରାଣ ହରାଇଥିବା ବେଳେ ୭୩ ଜଣ ଆହତ ହୋଇଥିବା ସେ ପ୍ରକାଶ କରିଥିଲେ। ହେଲେମେଣ୍ଟ ନ ପିନ୍ଧି ଗାଡ଼ି ଚଳାଉଥିବା ଚାଳକଙ୍କ ଘରକୁ ଜରିମାନା ଚାଲାଣ ପଠାଯିବାକୁ ସ୍ଥିର କରାଯାଇଥିଲା।

ବୈଠକରୁ ଜଣାପଡ଼ିଛି ଯେ, ଏଣିକି ବିଭିନ୍ନ ଛକରେ ହେଲମେଟ ଚେକିଂ ପାଇଁ ଅଟୋମେଟିକ କ୍ୟାମେରାର ସହାୟତା ନିଆଯିବ। ବିନା ହେଲମେଟରେ ଗାଡ଼ି ଚଳାଉଥିବା ଚାଳକମାନଙ୍କ ଗାଡ଼ି ନମ୍ବର ସ୍କାନ କରାଯିବା ସହ ଚାଲାଣ କଟାଯାଇ ସମ୍ପୃକ୍ତ ଚାଳକଙ୍କ ଘର, ଅଦାଲତ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟକୁ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ଥାନା ଛକ, ହୁଲୁରୁସିଙ୍ଗା ଛକ ଓ ରାଜା ହୋଟେଲ ଛକରେ ଏହି କ୍ୟାମେରା ଲଗାଯିବ ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଥିଲେ। ହରିମହୁରୀ ଛକରୁ ଯାଇଥିବା ବାଇପାସ୍ ରୋଡ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ସରସ୍ୱତୀ ବିଦ୍ୟା ମନ୍ଦିର ଥିବାବେଳେ ଉକ୍ତ ରାସ୍ତାରେ ଭାରିଯାନ ପାର୍କିଂ ସହ ଲୋକମାନେ ଅଳିଆ ଆବର୍ଜନା ଫିଙ୍ଗୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ତୁରନ୍ତ ଉକ୍ତ ରାସ୍ତାରୁ ଆବର୍ଜନା ହଟାଇବାକୁ ପରାମର୍ଶ ଦିଆଯିବା ସହ ଛାତ୍ରୀଛାତ୍ରମାନଙ୍କ ଯାତାୟାତ ସୁବିଧା ପାଇଁ ଭାରିଯାନ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା। ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ୧୨୩ କିଲୋମିଟର ରାସ୍ତାରେ ୯ଟି ବ୍ଲାକ୍ ସ୍ପଟ୍ ଓ ଅନୁଗୋଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ୬୧ କିଲୋମିଟର ରାସ୍ତାରେ ୧୦ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇ ସାଂକେତିକ ଚିହ୍ନ ସହ ରମ୍ବଲର୍ସ ଲଗାଯାଇଥିବା ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷ ବୈଠକରେ ସୂଚନା ଦେଇଥିଲେ। ଏହାଛଡ଼ା ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଉଭୟ ରାସ୍ତାର ଦୁର୍ଘଟଣା ପ୍ରବଣ ଅଞ୍ଚଳ ଗୁଡ଼ିକୁ ଚିହ୍ନଟ କରି ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ଏସ୍‌ପି ପ୍ରସ୍ତାବ ରଖିଥିଲେ। ଏହି ବୈଠକରେ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଗାୟତ୍ରୀ କନଷ୍ଟ୍ରକଶନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

---

## ସେଲ୍‌ଫି କର୍ଣ୍ଣର



@ ଟିଲୁ



@ ଅଲ୍‌ତାଫ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

---

## କାଳବୈଶାଖୀ ଭାଙ୍ଗିଲା ତୋରଣ



ଛେଣ୍ଡିପଦା,୨୭।୫(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ସୋମବାର ଅପରାହ୍ନରେ କାଳବୈଶାଖୀ ହୋଇଛି। ପ୍ରାୟ ଘଣ୍ଟାଏ ଧରି ପ୍ରବଳ ବର୍ଷା ପବନ ଲାଗିରହିଥିଲା। ଏଥିଯୋଗୁ ଛେଣ୍ଡିପଦା ଚନ୍ଦନଯାତ୍ରା ନିମନ୍ତେ ନିର୍ମିତ ସୁଉଚ୍ଚ ତୋରଣଟି ଭାଙ୍ଗି ଯାଇଥିଲା। କାଳବୈଶାଖୀ ପ୍ରଭାବରେ ଛେଣ୍ଡିପଦା, ପୋଡାପଡା, ବାଗଡିଆ, ଖମାର, ପିପଳବାହାଳ, ପାତ୍ରପଡ଼ା, ଟାଙ୍ଗିର, ପାଟକମୁଣ୍ଡା, ଖମାର ଆଦି ଗ୍ରାମଗୁଡିକରେ ମଧ୍ୟ ବର୍ଷା ପବନ ସାଙ୍ଗକୁ ଘଡ଼ଘଡ଼ି ମାରିଥିଲା। ସେହିପରି ଛେଣ୍ଡିପଦା ବ୍ଲକର ଜରପଡା ଅଞ୍ଚଳରେ ଅପରାହ୍ନରେ ଘଣ୍ଟାଏ ଧରି ଝଡତୋଫାନ ସହିତ କୁଆ ପଥର ବର୍ଷା ହୋଇଥିଲା। ଫଳରେ ଜରପଡା, କୁମୁରସିଂ, ଜେରେଙ୍ଗ କତଡା ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡିଛି।

### ଗଛ ପଡି ମହିଳା ଗୁରୁତର

ଅନ୍ୟପକ୍ଷରେ ଛେଣ୍ଡିପଦା ବ୍ଲକ ଶିମିଳିପାଳ ଗ୍ରାମରେ ଏକ ଗଛ ରେବତୀ ଦେହୁରୀଙ୍କ ଉପରେ ପଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। କାଳବୈଶାଖୀ ବେଳେ ତାଙ୍କ ୯ ବର୍ଷର ପୁଅ ଘରେ ନ ଥିବାରୁ ନିକଟସ୍ଥ ଆମ୍ବତୋଟାକୁ ଖୋଜିବାକୁ ଯାଇଥିଲେ। ସେହି ସମୟରେ ଏକ ଆମ୍ବ ଗଛ ଭାଙ୍ଗିଯାଇ ତାଙ୍କ ଉପରେ ପଡ଼ିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବାଲି ବୋଝେଇ ଟ୍ରକ୍ ଜବତ

ଛେଣ୍ଡିପଦା,୨୭।୫(ସ୍ୱ.ପ୍ର)

ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଜେରେଙ୍ଗଠାରେ ଜରପଡା ଥାନା ପୋଲିସ ସୋମବାର ଚଢାଉ କରି ଏକ ବେଆଇନ ବାଲି ବୋଝେଇ ଟ୍ରକ(ନଂ.ଓଆର୦୯ଜେ୯୩୯୪) ଜବତ କରିଛି।

ପୋଲିସ କହିଛି, ଗାଡ଼ି ମୋଟର ଯାଞ୍ଚ ଚାଲିଥିବା ସମୟରେ ଉକ୍ତ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ି ଚାଳକ ଆବଶ୍ୟକ କାଗଜ ପତ୍ର ଦେଇ ନ ପାରିବାରୁ ଟ୍ରକ ଜବତ କରାଯାଇଥିଲା। ଏପରିକି ବାଲି ଉପରେ ପାଲ ଘୋଡା ହୋଇ ନ ଥିବାବେଳେ ବାଲି ଓଭର ଲୋଡିଂ ରହିଥିଲା। ତହସିଲଦାର ଓ ଆରଟିଓଙ୍କ ସହ ଯୋଗାଯୋଗ କରାଯାଇ ଗାଡିକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ବିନ୍ଦୁବାସିନୀ ବିଶ୍ୱାଳ ପ୍ରକାଶ କରିଛନ୍ତି।



## କେନାଲରେ ଜଳ ସଙ୍କଟ, ଉପଜିଲାପାଳଙ୍କୁ ସ୍ମାରକପତ୍ର

ତାଳଚେର,୨୭।୫(ନି.ପ୍ର.)



ତାଳଚେର ମଧ୍ୟ ଭାଗ ଦେଇ ଯାଇଥିବା ରେଙ୍ଗାଳି ଡାହାଣ ପାର୍ଶ୍ୱ କେନାଲରେ ଜଳ ସଙ୍କଟ ଦେଖାଦେଇଛି। ଏଥିସହ କେନାଲରେ ଅଳିଆ ଆବର୍ଜନା ଜମା ହେବା ଯୋଗୁ ଲୋକେ ଗାଧୋଇବା କିମ୍ବା ଅନ୍ୟାନ୍ୟ କାମରେ ପାଣି ବ୍ୟବହାର କରିପାରୁନାହାନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ଉପୁଜିଛି। ଏ ସଂକ୍ରାନ୍ତରେ ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତବାସୀ ସ୍ଥାନୀୟ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ବନ୍ତୋଲ ପଞ୍ଚାୟତ ଅଧୀନ ବନ୍ତୋଲ, କୁକୁଡୁଲା, ବହ୍ଲର ଓ ମୁଣ୍ଡା ହଟିଂବାସୀଙ୍କ ସମେତ ଧରମପୁର, କର୍ଙ୍କିଳି, ବନ୍ତୋଲ ଓ ଜଗନ୍ନାଥପୁର ପଞ୍ଚାୟତବାସୀ ରେଙ୍ଗାଳି ଡାହାଣ ପାର୍ଶ୍ୱ କେନାଲର ପାଣି ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ପାଣି ଛଡା ଯାଉ ନ ଥିବାଯୋଗୁ କେନାଲରେ ଦୁଇ ଫୁଟରୁ ବି କମ୍ ପାଣି ରହିଛି। ଏଥିସହ ଅପରିଷ୍କାର ଦଳ ଓ ଆବର୍ଜନାରେ କେନାଲ ଭର୍ତ୍ତି ହୋଇଥିବାରୁ ଲୋକେ ସେଠାରେ ଗାଧୋଇ ପାରୁନାହାନ୍ତି। ଅନ୍ୟ ବିକଳ୍ପ ମଧ ନ ଥିବାରୁ ଲୋକେ ବାଧ୍ୟ ହୋଇ ଅପରିଷ୍କାର ପାଣି ବ୍ୟବହାର କରୁଛନ୍ତି। ଫଳରେ ଅନେକେ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରବଳ ଖରା ଯୋଗୁ ଗାଁର ପୋଖରୀଗୁଡିକ ମଧ ଶୁଖିଯାଇଛି। କେତେକ ଘରର ତଥା ସହରର ବର୍ଜ୍ୟବସ୍ତୁକୁ ଏହି କେନାଲରେ ପକାଯାଉଥିବାରୁ ତାହା ଦଳ ଓ ଆବର୍ଜନା ଭର୍ତ୍ତି ହୋଇଗଲାଣି। କେନାଲ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏପରି ସମସ୍ୟା ଉପୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଆବର୍ଜନା ସଫା କରିବା ଓ କେନାଲରେ ପାଣି ଛାଡିବା ପାଇଁ ଦାବି ହୋଇଛି। ଦାବି ପତ୍ର ପ୍ରଦାନ ବେଳେ ରୋହିତ କୁମାର ସେଠୀ, ପ୍ରତାପ ସାହୁ, ତୋଫାନ ସେଠୀ, ପ୍ରକାଶ ଲେଙ୍କା, ପ୍ରକାଶ ଚନ୍ଦ୍ର ସାହୁ, ନିର୍ମଳ କୁମାର ସେଠୀ, ବ୍ରଜ ବନ୍ଧୁ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

---

■ପଢ଼ିବାକୁ ଅର୍ଥ ବାଧକ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଛାତ୍ରୀ

ଅନୁଗୋଳ ଅଫିସ, ୨୭।୫



ଜିଲାପାଳଙ୍କୁ ଗୁହାରି କରିବାକୁ ଆସିଥିବା ଛାତ୍ରୀ ମମତା।

ମା' ବାପାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ପିଲାବେଳୁ ପିଉସୀଙ୍କ ଘରେ ରହି ପାଠ ପଢୁଥିବା ଜଣେ ଛାତ୍ରୀ ସୋମବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦଶମରେ ଗ୍ରେଡ୍-ବିରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସେ ଆଗକୁ ଆହୁରି ପଢ଼ିବାକୁ ଚାହୁଁଛନ୍ତି। ହେଲେ ପିଉସୀ ମା'ଙ୍କ ପାଖରେ ଏତେ ସାମର୍ଥ୍ୟ ନାହିଁ। ତେଣୁ ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡ଼ିଥିବା ସମ୍ପୃକ୍ତା ଛାତ୍ରୀ ପ୍ରଶାସନର ସହାୟତା ଲୋଡ଼ିଛନ୍ତି।

ସମ୍ପୃକ୍ତା ଛାତ୍ରୀ ଜଣକ ହେଲେ ବଆଁରପାଳ ଥାନା ବୁଢ଼ାପଙ୍କ ତେନ୍ତୁଳିହତା ଅଞ୍ଚଳରେ ରହୁଥିବା ମମତା ନାଏକ। ତାଙ୍କ ପ୍ରକୃତ ଘର ତାଳଚେର ଅଞ୍ଚଳରେ। ବାପା ନିଳୁ ନାଏକ ଓ ମା ଚୁନି ନାଏକଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଇଥିବାରୁ ୫ ବର୍ଷ ବୟସରୁ ମମତାଙ୍କୁ ପିଉସୀ କୌଶଲ୍ୟା ନାଏକ ଆଣି ନିଜ ପାଖରେ ରଖି ପଢ଼ାଉଛନ୍ତି। ଏବେ ମମତା ମାଟ୍ରିକ ପାସ କରିଥିବାରୁ କୌଶଲ୍ୟାଙ୍କ ଚିନ୍ତା ବଢ଼ିଯାଇଛି। ତାଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ମମତାଙ୍କୁ କଲେଜରେ ପଢ଼ାଇବାକୁ ସେ ସମର୍ଥ ନୁହନ୍ତି। ହେଲେ ମମତା ଅଧିକ ପାଠ ପଢ଼ିବାକୁ ଚାହୁଁଛନ୍ତି। ବଡ଼ ହୋଇ ଲୋକଙ୍କ ସେବା କରିବାକୁ ଇଚ୍ଛା ରଖିଛନ୍ତି। ତେଣୁ ଜିଲା ପ୍ରଶାସନକୁ ମମତା ସହାୟତା ମାଗିଛନ୍ତି। ପ୍ରଶାସନ ତାଙ୍କ ପାଠ ପଢ଼ିବାର ବ୍ୟବସ୍ଥା କଲେ ସେ ଜୀବନର ଲକ୍ଷ୍ୟ ପୂରଣରେ ସଫଳ ହେବେ ବୋଲି ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଜିଲାପାଳ ମହାନ୍ତି ମାଟ୍ରିକ୍ ସାର୍ଟିଫିକେଟ ଧରି ଆସିବା ପାଇଁ ମମତାଙ୍କୁ ପରାମର୍ଶ ଦେଇଛନ୍ତି। ଏହାପରେ ପ୍ରଶାସନ ତାଙ୍କ କଥା ବିଚାର କରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

■ଆଈଅଜା କୋଳରେ ମା' ଛେଉଣ୍ଡ ନାତୁଣୀ

## ଚିକିତ୍ସା ପାଇଁ ପ୍ରଶାସନକୁ ଗୁହାରି

ଅନୁଗୋଳ ଅଫିସ, ୨୭।୫



ଜନ୍ମ ବେଳେ ଝିଅର ଦୁଇ ଗୋଡ଼ ଲାଗି ଯାଇଥିଲା। ତିନି ଦିନ ପରେ ତା ମା' ବି ମରିଯାଇଥିଲା। ସେହିଦିନୁ ମା ଛେଉଣ୍ଡ ଛୁଆଟିକୁ କୋଳେଇ ନେଇଛୁ ଆମେ ଆଈ ଅଜା। ବହୁ କଷ୍ଟକରି ଅସ୍ତ୍ରୋପଚାର କରାଇଛୁ। ଲାଗିଥିବା ଦୁଇ ଗୋଡ଼ ଏବେ ଅଲଗା ହୋଇଛି। କିନ୍ତୁ ଅଧିକ ଚିକିତ୍ସା ପାଇଁ ଆଉ ପାଖରେ ଅର୍ଥ ନାହିଁ। ବର୍ଷକ ତଳେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଅପରେଶନ କରାଇଥିବାରୁ ଏବେ ଆମେ ଅସହାୟ। ପ୍ରଶାସନ ସହାୟତା ଦେଲେ ନାତୁଣୀର ଚିକିତ୍ସା ସମ୍ଭବ ହୋଇପାରନ୍ତା। ବଡ଼ ହୋଇ ସେ ଆମର ସାହାରା ହୋଇପାରନ୍ତା ବୋଲି ଜିଲା ପ୍ରଶାସନ ନିକଟକୁ ଧାଇଁ ଆସିଥିବା ବଆଁରପାଳ ଥାନା ତେନ୍ତୁଳିହତା ଗ୍ରାମର ଶରତ ଚନ୍ଦ୍ର ନାୟକ ଓ ଉଜ୍ଜ୍ୱଳା ନାୟକ କହିଛନ୍ତି।

ଶରତଙ୍କ କହିବା ଅନୁଯାୟୀ, ସେ ମୂଲ ଲାଗିଲେ ଘର ଚଳେ। ଏପରି ଅବସ୍ଥାରେ ବି ଧାର କରଜ କରି ସେ ନାତୁଣୀର ଅପରେଶନ କରାଇଛନ୍ତି। ମା' ଆରପାରିକୁ ଯିବା ପରଠାରୁ ତା ବାପା ବି କେଉଁ ଆଡ଼େ ଚାଲିଯାଇଛନ୍ତି। ବୟସ ବଢ଼ିବା ସହ ତାଙ୍କ ଅଣ୍ଟାରୁ ବଳ କମିଗଲାଣି। ତଥାପି ମା ଛେଉଣ୍ଡ ନାତୁଣୀକୁ ବଞ୍ଚାଇ ରଖିବାକୁ ସେ ଉଦ୍ୟମ କରୁଛନ୍ତି। ଜୀବନ ଯାକର ସଞ୍ଚୟ ସହ ବନ୍ଧୁବାନ୍ଧବଙ୍କ ଠାରୁ ହାତ ପତେଇ ଚିକିତ୍ସାରେ ଖର୍ଚ୍ଚ କରିସାରିଛନ୍ତି। ତଥାପି ନାତୁଣୀ ମମତା ଏଯାଏ ଭଲ ହୋଇ ପାରୁନାହିଁ। ତେଣୁ ଆଈ ଓ ଅଜା ନାତୁଣୀକୁ ନେଇ ଜିଲାପାଳଙ୍କ ନିକଟକୁ ଆସିଛୁ। ପ୍ରଶାସନକୁ ଗୁହାରି କରିଛୁ। ପୂର୍ବରୁ ଅନେକ ଥର ସାହାଯ୍ୟ ପାଇବା ଆଶାରେ ଜିଲପାଳଙ୍କ କାର୍ଯ୍ୟାଳୟ, ଜନଶୁଣାଣିକୁ ଆସିଥିଲେ ବି ନିରାଶରେ ଫେରିବାକୁ ପଡ଼ିଛି। ଏଥର ଯଦି ପ୍ରଶାସନ କିମ୍ବା କେହି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢାନ୍ତେ ନାତୁଣୀଟା ମୋର ଭଲ ହୋଇଯାଆନ୍ତା ବୋଲି ଶରତ ଲୁହ ଛଳ ଛଳ ଆଖିରେ କହିଛନ୍ତି।

## ନୂତନ ଟ୍ରାନ୍ସଫର୍ମର ବସାଇବାକୁ ଦାବି

ବଆଁରପାଳ,୨୭।୫(ଡି.ଏନ.ଏ.)

ନାଲ୍‌କୋ ଶହୀଦ ଲକ୍ଷ୍ମଣ ନାୟକ ନଗର ସମିତିର ଏକ ବୈଠକ ସୋମବାର ନାଲ୍‌କୋ ହଟିଂ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଉପଦେଷ୍ଟା ରାଜୀବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ହଟିଂ ଅଞ୍ଚଳରେ ବିଦ୍ୟୁତ୍ ଚୋରି ବୃଦ୍ଧି ପାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଠାରେ ପ୍ରାୟ ୧୨ ଶହ ପରିବାର ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଶହ ପରିବାର ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ବହୁ ଲୋକ ବିଦ୍ୟୁତ୍ ଚୋରି କରୁଛନ୍ତି। ଫଳରେ ସେଠାରେ ଥିବା ଏକମାତ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଏହାର ପ୍ରଭାବ ପଡୁଛି। ଏଥିଯୋଗୁ ଅନେକ ସମୟରେ ଟ୍ରାନ୍ସଫର୍ମର ପୋଡ଼ିଯିବାସହିତ ଲୋ-ଭୋଲଟେଜ ସମସ୍ୟା ଦେଖାଦେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ଏକ ନୂତନ ଟ୍ରାନ୍ସଫର୍ମର ଯୋଗାଇଦେବାକୁ କର୍ମକର୍ତ୍ତାମାନେ ବୈଠକରେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତିର ସଭାପତି ନରସିଂହ ମୁର୍ମୁ, ସମ୍ପାଦକ ଭୀମସେନ ହାଁସଦାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

